## ପାକ୍ ଗୁଳିରେ ଯବାନ ସହିଦ

**ଶ୍ରୀନଗର,୧୫।୫/ଏଜେନ୍ସି :** ଜମ୍ମୁ-କଶ୍ମୀରର ସାମ୍ବା ସେକ୍ଟରରେ ଆଜି ଭୋରରୁ ପାକିସ୍ତାନ ସେନା ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ଗୁଳିମାଡ଼ କରିଛି। ଏଥିରେ ବିଏସ୍‌ଏଫ୍‌ର ଜଣେ ଯବାନ ସହିଦ ହୋଇଛନ୍ତି। ତାଙ୍କ ନାଁ ଦେବେନ୍ଦ୍ର କୁମାର। ଆଜି ଭୋର ସମୟରେ ପାକିସ୍ତାନ ସେନା ସ୍ୱୟଂଚାଳିତ ବନ୍ଧୁକ ଓ ମୋର୍ଟାର ଦ୍ୱାରା ସୀମାନ୍ତରେ ଥିବା ସେନା ପୋଷ୍ଟକୁ ଟାର୍ଗେଟ କରିଥିଲା। ଭାରତ ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଥିଲା। ଏହି ସମୟରେ ଯବାନ ଦେବେନ୍ଦ୍ରଙ୍କ ଦେହରେ ଗୁଳିମାଡ଼ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଜଣେ ସେନାଧିକାରୀ କହିଛନ୍ତି।

# ସିଦ୍ଧୁଙ୍କୁ ଆଶ୍ୱସ୍ତି: ଦୋଷୀ ସାବ୍ୟସ୍ତ ସତ୍ତ୍ୱେ ଭୋଗିବେନି ଦଣ୍ଡ



**ନୂଆଦିଲ୍ଲୀ, ୧୫।୫/ପିଟିଆଇ :** କ୍ରିକେଟ୍ ତାରକା ତଥା ପଞ୍ଜାବ ସରକାରରେ ମନ୍ତ୍ରୀ ନବ୍‌ଜୋତ୍ ସିଂହ ସିଦ୍ଧୁଙ୍କୁ ଆଜି ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ୧୯୯୮ରେ ଏକ ରାସ୍ତା ଗଣ୍ଡଗୋଳ ଓ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ମାମଲାରେ ସୁପ୍ରିମକୋର୍ଟ ତଳ କୋର୍ଟର ରାୟକୁ ଖାରଜ କରିବା ସହିତ ସିଦ୍ଧୁଙ୍କୁ କୌଣସି ଜେଲ୍‌ଦଣ୍ଡ ନ ଦେଇ କେବଳ ୧୦୦୦ ଟଙ୍କା ଜୋରିମାନା କରିଛନ୍ତି। ଜଷ୍ଟିସ୍ ଜେ ଚେଲମେଶ୍ୱର ଓ ଜଷ୍ଟିସ୍ ସଞ୍ଜୟ କିଷନ କାଉଲ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ସିଦ୍ଧୁଙ୍କ ଜଣେ ସହଯୋଗୀ ରୁପିନ୍ଦର ସିଂହ ସାନ୍ଧୁଙ୍କୁ ଦୋଷମୁକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କ୍ରିକେଟ୍‌ରୁ ରାଜନେତା ହୋଇଥିବା ସିଦ୍ଧୁ ୧୯୮୮ ଡିସେମ୍ବର ୨୭ରେ ତାଙ୍କର ସହଯୋଗୀ ସାନ୍ଧୁଙ୍କ ସହିତ ଏକ ଜିପ୍ସିରେ ଯାଉଥିଲା ବେଳେ ରାସ୍ତାରେ ଗଣ୍ଡଗୋଳ ହୋଇଥିଲା। ପଟିଆଲାର ସେରାନୱାଲା ଗେଟ୍ କ୍ରସିଙ୍ଗ୍ ନିକଟରେ ରାସ୍ତା ମଝିରେ ଜିପ୍‌ସିକୁ ପାର୍କିଂ କରାଯାଇଥିଲା। ଏହି ସମୟରେ ଗୁର୍‌ନାମ୍ ସିଂହ ନାମକ ଜଣେ ବ୍ୟକ୍ତି ମାରୁତି କାର୍ ଧରି ସେଠାରେ ପହଞ୍ଚିଲା ବେଳେ ରାସ୍ତା ମଝିରେ ଜିପ୍‌ସିକୁ ଦେଖି ସିଦ୍ଧୁ ଓ ସାନ୍ଧୁଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପୁଲିସ ରିପୋର୍ଟ ଅନୁଯାୟୀ ସିଦ୍ଧୁ ଗୁର୍‌ନାମ୍ ସିଂହଙ୍କୁ ମାଡ଼ ମାରି ସେଠାରୁ ପଳାଇଥିଲେ। ପୀଡ଼ିତଙ୍କୁ ହସ୍‌ପିଟାଲକୁ ନିଆଯାଇ ଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଏହି ଘଟଣାରେ ୧୯୯୯ ସେପ୍ଟେମ୍ବରରେ ନିମ୍ନ ଅଦାଲତ ସିଦ୍ଧୁଙ୍କୁ ହତ୍ୟା ଅଭିଯୋଗରୁ ଦୋଷମୁକ୍ତ କରିଥିଲେ। ତେବେ ହାଇକୋର୍ଟରେ ଏହା ବଦଳି ଯାଇଥିଲା ଏବଂ ଏହି କୋର୍ଟ ସିଦ୍ଧୁ ଓ ସାନ୍ଧୁଙ୍କୁ ୨୦୦୬ ଡିସେମ୍ବରରେ ଆଇପିସିର ୩୦୪ (୨) ଧାରାରେ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ୍ ଓ ଏକ ଲକ୍ଷ ଟଙ୍କା ଜୋରିମାନା କରିଥିଲେ। ସିଦ୍ଧୁ ଏହାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ୍ କରିଥିଲେ। ୨୦୦୭ରେ ସୁପ୍ରିମ୍‌କୋର୍ଟ ଏହି ଦଣ୍ଡବିଧାନ ଉପରେ ରୋକ୍ ଲଗାଇଥିଲେ। ଫଳରେ ସିଦ୍ଧୁ ଅମୃତସର ଲୋକସଭା ଆସନରେ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ ହୋଇଥିଲେ। ସୁପ୍ରିମ୍‌କୋର୍ଟରୁ ଆଶ୍ୱସ୍ତି ମିଳିଥିବାରୁ ସିଦ୍ଧୁ ଭଗବାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ସର୍ବଶକ୍ତିମାନ ସବୁବେଳେ ମୋତେ ରକ୍ଷା କରିଆସିଛନ୍ତି। ରାୟ ପ୍ରକାଶ ପାଇବା ପରେ ସେ ଗଣମାଧ୍ୟମକୁ କହିଛନ୍ତି, "ମୋତେ ଏହି ପରିସ୍ଥିତିରେ ଯେଉଁମାନେ ସାହସ ଓ ଶକ୍ତି ଦେଇଛନ୍ତି, ସେମାନଙ୍କୁ ମୁଁ କୃତଜ୍ଞତା ଜଣାଉଛି। ଏଥିସହିତ ଏହି ଘଟଣାରେ ଯେଉଁମାନେ ରାଜନୈତିକ ଫାଇଦା ପାଇଁ ମୋ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲେ, ସେମାନଙ୍କୁ ମୁଁ କ୍ଷମା ଦେଉଛି।"

## ସରକାରୀ କର୍ମଚାରୀଙ୍କ ପେନ୍‌ସନ୍ ପାଇଁ ଆଧାର ବାଧ୍ୟତାମୂଳକ ନୁହେଁ

**ନୂଆଦିଲ୍ଲୀ,୧୫।୫/ପିଟିଆଇ :** କେନ୍ଦ୍ରୀୟ କର୍ମଚାରୀମାନେ ପେନ୍‌ସନ୍ ପାଇବା ପାଇଁ ଆଧାର ନମ୍ବର ବାଧ୍ୟତାମୂଳକ ନୁହେଁ। କେନ୍ଦ୍ର ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହା କହିଛନ୍ତି। ନୂଆଦିଲ୍ଲୀରେ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକର ଷ୍ଟାଣ୍ଡିଂ କମିଟି ବୈଠକରେ ଯୋଗଦେଇ ସେ କହିଥିଲେ, ପେନ୍‌ସନ୍‌ଧାରୀମାନେ ବ୍ୟାଙ୍କ୍‌କୁ ନ ଆସି ଲାଇଫ୍ ସାର୍ଟିଫିକେଟ୍ ଭାବେ ଆଧାର ନମ୍ବର ବ୍ୟବହାର କରିପାରିବେ। ଉଲ୍ଲେଖଯୋଗ୍ୟ ଯେ, କେତେକ ଅବସରପ୍ରାପ୍ତ କର୍ମଚାରୀଙ୍କର ବ୍ୟାଙ୍କ୍ ଆକାଉଣ୍ଟ୍ ସହ ଆଧାର ନମ୍ବର ଲିଙ୍କ୍ ହୋଇନଥିବାରୁ ପେନ୍‌ସନ୍ ପାଇବାରେ ଅସୁବିଧା ଭୋଗୁଛନ୍ତି। ଏବେ ଦେଶରେ ୪୮.୪୧ ଲକ୍ଷ କେନ୍ଦ୍ରୀ ସରକାରୀ କର୍ମଚାରୀ ଓ ୬୧.୧୭ ଲକ୍ଷ ପେନ୍‌ସନ୍‌ଧାରୀ ଅଛନ୍ତି। ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବରକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଠିକଣାର ପ୍ରମାଣ ଭାବେ ବ୍ୟବହାର କରାଯାଉଛି।

## କଶ୍ମୀର: ଆତଙ୍କୀ ହମ୍‌ଲାରେ ପୁଲିସ୍ କର୍ମଚାରୀ ସହିଦ, ଜଣେ ଆହତ

**ଶ୍ରୀନଗର,୧୫।୫/ପିଟିଆଇ :** ଆଜି ଅପରାହ୍ନରେ ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲ୍ଲାରେ ସନ୍ଦିଗ୍ଧ ଆତଙ୍କୀଙ୍କ ଆକ୍ରମଣରେ ଜଣେ ପୁଲିସ କର୍ମଚାରୀ ସହିଦ ହୋଇଥିଲା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଜିଲ୍ଲାର ବିଜ୍‌ବେହାରାରେ ପୁଲିସ ଗାଡ଼ି ଉପରକୁ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ସ୍ପେଶାଲ ପୁଲିସ ଅଫିସର୍ (ଏସ୍‌ପିଓ) ବିଲାଲ୍ ଅହମ୍ମଦ ଗୁରୁତର ଆହତ ହୋଇଥିଲା ବେଳେ ହସ୍‌ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ଏହି ପୁଲିସ ଅଧିକାରୀ ଜଣକ ଆତଙ୍କୀଙ୍କ ପାଲଟା ଜବାବ ଦେଇଥିଲେ ବୋଲି କଶ୍ମୀର ପୁଲିସ ଜୋନ୍‌ର ଟ୍ୱିଟର୍ ହ୍ୟାଣ୍ଡଲ୍‌ରେ କୁହାଯାଇଛି। ଏହି ହମ୍‌ଲା ପରେ ତୁରନ୍ତ ସେହି ଅଞ୍ଚଳକୁ କର୍ଡନ୍ କରାଯାଇ ତଲାସୀ ଅଭିଯାନ ଜାରି ରହିଛି। ଚଳିତ ମାସରେ କଶ୍ମୀରରେ ସୁରକ୍ଷା ବାହିନୀର ୩ କର୍ମଚାରୀ ଓ ୮ ନାଗରିକଙ୍କ ସମେତ ୨୩ ଜଣ ପ୍ରାଣ ହରାଇଲେଣି।

## ଯୋଗୀଙ୍କ ହେଲିକପ୍ଟରର ଜରୁରୀ ଅବତରଣ

**ଲକ୍ଷ୍ନୌ,୧୫।୫/ପିଟିଆଇ :** ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ସକାଳେ ହେଲିକପ୍ଟରରେ କାଶ୍‌ଗଞ୍ଜ୍ ଗଲାବେଳେ ତାହା ହେଲିପ୍ୟାଡ୍‌ରେ ଅବତରଣ ନ କରି ଏକ ପଡ଼ିଆରେ ଅବତରଣ କରିବାକୁ ବାଧ୍ୟ ହୋଇଥିଲା। ହେଲିପ୍ୟାଡ୍ ନିକଟରେ ଅନେକ ଗଛ ଥିବା ଦେଖି ପାଇଲଟ୍ ଜଣକ ସେଠାରେ ଅବତରଣ କରିବାକୁ ରାଜି ନହୋଇ ଏକ ପଡ଼ିଆରେ ଏହାକୁ ଓହ୍ଲାଇ ଦେଇଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ହେଲିପ୍ୟାଡ୍ ନିର୍ମାଣ କରାଯାଇଥିଲା। ଏଭଳି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ହେଲିପକ୍ଟର ଅବତରଣ କରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଜୀବନ ପ୍ରତି କୌଣସି ବିପଦ ଦେଖାଦେଇ ନଥିଲା ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଗତ ରବିବାର ରାତିରେ କାଶ୍‌ଗଞ୍ଜ୍ ଅଞ୍ଚଳରେ ବଡ଼ ଧରଣର ଘୂର୍ଣ୍ଣିଝଡ଼ ଓ ବର୍ଷା ଯୋଗୁ କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀ ଯାଉଥିଲା ବେଳେ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ୧୮ ସିମି ସଦସ୍ୟଙ୍କୁ ୭ ବର୍ଷ ଲେଖାଏ ଜେଲ୍‌ଦଣ୍ଡ



**କୋଚି,୧୫।୫/ଏଜେନ୍ସି :** କେରଳରେ ଅସିଦ୍ଧ ଘୋଷିତ ସିମି ଆତଙ୍କବାଦୀଙ୍କ ପାଇଁ କ୍ୟାମ୍ପ ଖୋଲି ସେଠାରେ ବିଭିନ୍ନ ପ୍ରକାର ଟ୍ରେନିଂ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧୮ ଜଣ ବ୍ୟକ୍ତିଙ୍କୁ ଆଜି ସ୍ୱତନ୍ତ୍ର ଏନଆଇଏ କୋର୍ଟ ୭ ବର୍ଷ ଲେଖାଏ ?କଠୋର ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ଜଜ୍ କୌସେର ଇଡାପ୍ପାଘାଟ ଏହି ୧୮ ଜଣ ସିମି ସଦସ୍ୟଙ୍କୁ ୟୁଏପିଏ, ଇଏସ୍‌ଏ ଓ ଆପିସିର ଧାରା ୧୨୦-୧ବି(ଅପରାଧିକ ଷଡ଼ଯନ୍ତ୍ର) ଅନୁଯାୟୀ ୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡିତ ହୋଇଥିବା ୧୮ ଜଣ ସିମି ସଦସ୍ୟଙ୍କ ମଧ୍ୟରେ ଏମାନଙ୍କ ନେତା ସଫଦର ନାଗୋରି ରହିଛି। ୟୁଏପିଏର ଧାରା ୧୦ ଅନୁଯାୟୀ ଏମାନଙ୍କୁ ଗୋଟିଏ ବର୍ଷ ସଶ୍ରମ କାରାଦଣ୍ଡ ଓ ଧାରା ୩୮ ଅନୁଯାୟୀ ୫ ବର୍ଷ, ଇଏସ୍‌ଏ ଆଇନ୍‌ର ଧାରା ୪ ଅନୁଯାୟୀ ୭ ବର୍ଷ ଓ ଆଇପିସିର ୧୨୦-୧ବି ଅନୁଯାୟୀ ୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ସବୁ ଜେଲଦଣ୍ଡ ଏକକାଳୀନ ଲାଗୁ ହେବ। ଅର୍ଥାତ ଏମାନେ ସମୁଦାୟ ୭ ବର୍ଷ ପାଇଁ ଜେଲ୍ ମଧ୍ୟରେ ରହିବେ। ସୋମବାର ଏହି ମାମଲାରେ କୋର୍ଟ ଅନ୍ୟ ୧୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିଲେ। କେରଳ ପୁଲିସ୍ ୨୦୦୭ରେ ଏମାନଙ୍କ ନାଁରେ ମାମଲା ରୁଜୁ କରିଥିଲା। ୨୦୦୭ରେ ଇଡୁକ୍କି ଜିଲ୍ଲା ୱାଗାମନ୍‌ର ଥାଙ୍ଗଲପରାରେ ଏହି ଗୁପ୍ତ କ୍ୟାମ୍ପଟି ୧୦ରୁ ୧୨ ପର୍ଯ୍ୟନ୍ତ ଚାଲିଥିଲା। ଏହି କ୍ୟାମ୍ପରେ ଆତଙ୍କବାଦ କାର୍ଯ୍ୟକଳାପ ପାଇଁ ଷଡ଼ଯନ୍ତ୍ର ଚାଲିଥିଲା ବୋଲି ତଦନ୍ତ ସମୟରେ ଜଣାପଡ଼ିଥିଲା। ପ୍ରକୃତରେ ଏହି ଘଟଣାରେ ୩୮ ଜଣ ଅଭିଯୁକ୍ତ ଥିଲେ। କିନ୍ତୁ ଏମାନଙ୍କ ମଧ୍ୟରୁ ୱାସିକ ବିଲ୍ଲା ଫେରାର ଥିବା ବେଳେ ମେହବୁବ ମଲ୍ଲିକ ୨୦୧୬ରେ ଭୋପାଳ କେନ୍ଦ୍ରୀୟ ଜେଲ୍‌ରୁ ଖସିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ୍ ଗୁଳିରେ ନିହତ ହୋଇଥିଲା। ଏହି କ୍ୟାମ୍ପକୁ ଇଣ୍ଡିଆନ୍ ମୁଜାହିଦିନ୍‌ର ପ୍ରତିଷ୍ଠାତା ଇଣ୍ଡିଆନ୍ ବିନ୍ ଲାଡେନ୍ ଓରଫ୍ ଅବଦୁଲ ଶୁଭନ୍ କ୍ୟୁରେସି ମଧ୍ୟ ଆସିଥିବା ଜଣାପଡ଼ିଥିଲା।

### ୨୬।୧୧ ଆତଙ୍କୀ ହମ୍‌ଲାରେ ସରିଫ୍‌ଙ୍କ ବୟାନ ପ୍ରସଙ୍ଗ

## ଆଇସିଜେକୁ ଯିବ ଭାରତ !



**ନୂଆଦିଲ୍ଲୀ,୧୫।୫/ଏଜେନ୍ସି :** ମୁମ୍ବାଇ ୨୬/୧୧ ଆତଙ୍କବାଦୀ ହମ୍‌ଲାରେ ପାକିସ୍ତାନର ସକ୍ରିୟ ଭୂମିକା ରହିଥିବା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍‌ଙ୍କ ସ୍ୱୀକାର ପରେ ଏବେ ଇସ୍‌ଲାମାବାଦର ଅଡୁଆ ବଢ଼ି ଯାଇଛି। ଭାରତ ଏହି ମନ୍ତବ୍ୟକୁ ନେଇ ପାକିସ୍ତାନ ବିରୋଧରେ ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ଙ୍କ ଦ୍ୱାରସ୍ଥ ହେବ ବୋଲି କୁହାଯାଉଛି। ଭାରତ ବାରମ୍ବାର ୨୦୦୮ ମସିହା ମୁମ୍ବାଇରେ ହୋଇଥିବା ନରସଂହାର ପଛରେ ପାକିସ୍ତାନ ହାତ ରହିଥିବା କହୁଥିଲେ ହେଁ ଏହାକୁ ଇସ୍‌ଲାମାବାଦ ଖଣ୍ଡନ କରି ଆସୁଥିଲା। କିନ୍ତୁ ସରିଫ ଖୋଦ୍ ଏକଥା କହିବା ପରେ ପାକିସ୍ତାନ ବିରୋଧରେ ଏବେ ଭାରତ ହାତରେ ବଡ଼ ପ୍ରମାଣ ଲାଗିଛି। ଏହାକୁ ନେଇ ଅନ୍ତର୍ଜାତୀୟସ୍ତରରେ ଭାରତ ପାକିସ୍ତାନର ଅସଲ ମୁଖା ଖୋଲିବ ବୋଲି ଜଣାପଡ଼ିଛି। ତେବେ ଭାରତ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଏ ସଂକ୍ରାନ୍ତରେ ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି ଭାରତ ଆଇସିଜେରେ ସରିଫ୍‌ଙ୍କ ମନ୍ତବ୍ୟକୁ ନେଇ ଆବେଦନ କରିବାକୁ ଯୋଜନା କରୁଛି। ତେବେ ଏହା ଆଇସିଜେରେ ଗ୍ରହଣୀୟ ହେବାର ସମ୍ଭାବନା ନାହିଁ। ଆମେ ପ୍ରସଙ୍ଗ ବିଷୟରେ ସତର୍କ ରହିଛୁ। ଆଶା କରୁଛୁ ଆଇସିଜେ ଏହାକୁ ଗୁରୁତ୍ୱର ସହ ବିଚାର କରିବେ ନାହିଁ। ହଁ ଭାରତ ପାଇଁ ସରିଫ୍‌ଙ୍କ ବୟାନ ଏକ ବଡ଼ ଖବର ହୋଇଥାଇ ପାରେ କିନ୍ତୁ ଏହା କୌଣସି ପ୍ରମାଣ ଉପରେ ଆଧାରିତ ନୁହେଁ। କେବଳ ଜଣେ ବ୍ୟକ୍ତିର ବୟାନ ବା ମନ୍ତବ୍ୟ। ତେଣୁ ଆଇସିଜେରେ ଏହା ଗ୍ରହଣୀୟ ହେବନାହିଁ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଶନିବାର ସରିଫ୍ ପାକିସ୍ତାନର ଏକ ଗଣାମଧମକୁ ସାକ୍ଷାତକାର ଦେଇ ମୁମ୍ବାଇ ହମ୍‌ଲା ପଛରେ ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀଙ୍କ ହାତ ଥିବା କହିଥିଲେ। ଏଥିସହ ପାକିସ୍ତାନ କୋର୍ଟ କାହିଁକି ଆତଙ୍କବାଦ ହମ୍‌ଲାର ଶୁଣାଣି କରୁନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାବାଦ୍ ପାକିସ୍ତାନରେ ବିଭିନ୍ନ ଆତଙ୍କବାଦୀ ସଂଗଠନ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ସରିଫ୍ ପରୋକ୍ଷରେ ସ୍ୱୀକାର କରିଥିଲେ।

**ଆମ ରାଜ୍ୟ**

## ପୋଲ ଉପରୁ ଖସିଲା କାର୍, ୨ ମୃତ



**କେସିଙ୍ଗା,ଭବାନୀପାଟଣା, ୧୫।୫/ଏନ୍‌ଏନ୍‌ଏସ୍ :** ଜାତୀୟ ରାଜପଥ ୨୬ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ନୁନୁମାଠ ଗ୍ରାପର ଖାସବାହାଲ ନିକଟରେ ଗତକାଲି ବିଳମ୍ବିତର ରାତିରେ ଏକ ହ୍ୟୁଣ୍ଡାଇ କାର୍ (ଓଆର ୦୮ଜି ୦୬୬୬)ଦୁର୍ଘଟଣାରେ ପୋଲ ତଳକୁ ଖସିପଡ଼ିବାରୁ କେସିଙ୍ଗା ସହରର ୨ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଯାଇଛି। ମୃତକଦ୍ୱୟ ହେଲେ କେସିଙ୍ଗା ସହରର ଦିନେଶ ଷ୍ଟୋରର ମାଲିକ ଦିନେଶ ଜୈନ (୪୨) ଓ କଳାମନ୍ଦିରର କପଡା ଦୋକାନର ମାଲିକ ସଞ୍ଜୟ ଅଗ୍ରୱାଲ (୪୩)। ଉଭୟ କୌଣସି ଏକ ବ୍ୟବସାୟିକ କାର୍ଯ୍ୟନେଇ ଗତକାଲି ସୁନ୍ଦରଗଡ଼ ଯାଇଥିଲେ। ସେଠାରେ କାର୍ଯ୍ୟସାରି ବିଳମ୍ବିତ ରାତିରେ କେସିଙ୍ଗା ଆସୁଥିବା ବେଳେ ନୁନମାଠ ପଞ୍ଚାୟତର ଖାସବାହାଲଠାରେ ଭାରସାମ୍ୟ ହରାଇ ନିର୍ମାଣାଧୀନ ପୋଲ ତଳକୁ ଗାଡ଼ିଟି ଖସି ପଡିଥିଲା। ଘଟଣାସ୍ଥଳରେ ସଞ୍ଜୟଙ୍କ ମୃତ୍ୟୁ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଦିନେଶ ପ୍ରଥମେ ଗୁରୁତର ଅବସ୍ଥାରେ ପରିବାର ଲୋକଙ୍କୁ ଫୋନ୍ କରିଥିଲେ। କିନ୍ତୁ ପରିବାରେ ଲୋକ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା।

## ରୋଜଗାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜୁଲାଇରୁ ଏସ୍‌ସି ଓ ଏସ୍‌ଟିଙ୍କୁ ମିଳିବ ଛାତ୍ରବୃତ୍ତି

**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍ :** ଏସ୍‌ସି ଓ ଏସ୍‌ଟି ଯୁବକଙ୍କୁ ନିଃଶୁଳ୍କ ରୋଜଗାର ପ୍ରଶିକ୍ଷଣ ଦିଆଯିବ। ଭୁବନେଶ୍ୱରସ୍ଥିତ ନ୍ୟାସନାଲ କ୍ୟାରିୟର ସର୍ଭିସ ସେଣ୍ଟର ପକ୍ଷରୁ ଜୁଲାଇ ପହିଲାରୁ ରୋଜଗାର ଆଶାୟୀ ଯୁବକଙ୍କୁ ଏହି ମାଗଣା ପ୍ରଶିକ୍ଷଣ ଦିଆଯିବ। ପ୍ରାର୍ଥୀମାନଙ୍କୁ ବିଭିନ୍ନ ନିଯୁକ୍ତି ବୋର୍ଡ ଦ୍ୱାରା ଆୟୋଜିତ କିରାଣି ଏବଂ ଷ୍ଟେନୋଗ୍ରାଫର ପ୍ରତିଯୋଗିତା ପରୀକ୍ଷାରେ ସକ୍ଷମ କରାଇବା ପାଇଁ ଏବଂ ସେମାନଙ୍କର କମ୍ପ୍ୟୁଟର ଜ୍ଞାନ ବୃଦ୍ଧି କରିବା ନିମନ୍ତେ ଜୁଲାଇ ପହିଲାରୁ ନିଃଶୁଳ୍କ ତଥା ଛାତ୍ରବୃତ୍ତି ଯୁକ୍ତ ସ୍ୱତନ୍ତ୍ର ପ୍ରଶିକ୍ଷଣ ତଥା ଓ ଲେଭଲ୍ କମ୍ପ୍ୟୁଟର ପାଠ୍ୟକ୍ରମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ସ୍ୱତନ୍ତ୍ର ତଥା କମ୍ପ୍ୟୁଟର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ୍ ହେବା ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ କିମ୍ବା ତଦୂର୍ଦ୍ଧ୍ୱ ଏବଂ ସେମାନଙ୍କର ବୟସ ୩୦ ଜୁନ୍, ୨୦୧୮ ସୁଦ୍ଧା ୧୮ରୁ ୨୭ ବର୍ଷ (ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ) ଏବଂ ୩୦ ଜୁନ୍ ୨୦୧୮ ସୁଦ୍ଧା ୧୮ରୁ ୩୦ ବର୍ଷ (କମ୍ପ୍ୟୁଟର ପ୍ରଶିକ୍ଷଣ କାର୍ଯ୍ୟକ୍ରମ) ପାଇଁ ହୋଇଥିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ଚାହୁଁଥିବା ପ୍ରାର୍ଥୀ ଆଜିଠାରୁ ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ ଦେୟମୁକ୍ତ ଆବେଦନ ଫର୍ମରେ ଡୋର ନମ୍ବର-୨, ବାରାକ୍ ନମ୍ବର-୪, ୟୁନିଟ୍-୫, ଷ୍ଟେଟ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ପରିସର, ଭୁବନେଶ୍ୱର-୧ସ୍ଥିତ କାର୍ଯ୍ୟାଳୟକୁ ଆବେଦନ କରିପାରିବେ। ଏକ ସାକ୍ଷାତକାର କମିଟି ଦ୍ୱାରା ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣରେ ଯୋଗଦେବା ପରେ ମାସିକ ୧୦୦୦ ଟଙ୍କା ଛାତ୍ରବୃତ୍ତି ଓ ମୁକ୍ତ ପାଠ୍ୟ ଉପକରଣ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

### ମହିଳା ଓ ୩ ପିଲାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ, ଜେଲ୍ ଗଲା ଅଭିଯୁକ୍ତ

# ୨ ଲକ୍ଷ ପାଇଁ ହତ୍ୟାକାରୀ ସାଜିଲା ବାପା



**ପାରାଦୀପ,କୁଜଙ୍ଗ,୧୫।୫/ଏନ୍‌ଏନ୍‌ଏସ୍ :** ବହୁଚର୍ଚ୍ଚିତ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଗୋଟିଏ ପରିବାରର ୪ଜଣଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ମାମଲାରେ ମଙ୍ଗଳବାର ପୁଲିସ୍ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତା ମହିଳାଙ୍କ ବାପାକୁ କୋର୍ଟ ଚାଲାଣ କରିଛି। ମାତ୍ର ୨ ଲକ୍ଷ ଟଙ୍କା ପାଇଁ ଜଣେ ବାପା କିଭଳି ପିଶାଚ ସାଜିପାରେ ତାର ଜ୍ୱଳନ୍ତ ଉଦାହରଣ ଏଠାରେ ଦେଖିବାକୁ ମିଳିଛି। ଦୀର୍ଘ ୬ଦିନର ତଦନ୍ତ ପରେ ମଙ୍ଗଳବାର ଏ ସଂକ୍ରାନ୍ତରେ କୁଜଙ୍ଗ ଥାନା ପୁଲିସ୍ ପକ୍ଷରୁ ବିଧିବଦ୍ଧ ଭାବେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅପରପକ୍ଷେ ମୃତା ମହିଳାଙ୍କ ଭାଇ ସନାତନ(୧୯)କୁ ଦୀର୍ଘଦିନ ତିର୍ତ୍ତୋଲ ଥାନାରେ ରଖି ଜେରା କରିବା ପରେ ତା' ବିରୋଧରେ କୌଣସି ଠୋସ୍ ପ୍ରମାଣ ନପାଇବାରୁ ପୁଲିସ୍ ତାକୁ ଛାଡ଼ି ଦେଇଛି।

ମଙ୍ଗଳବାର କୁଜଙ୍ଗ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଅତିରିକ୍ତ ଏସ୍‌ପି ବି.ଏନ୍. ମିଶ୍ର ସୂଚନା ଦେଇ କହିଛନ୍ତି ମୃତା ମହିଳା ମାମୀନା ସେଠୀ(୩୫)ଙ୍କ ସ୍ୱାମୀ ବିଶ୍ୱମ୍ବର ସେଠୀ ପାରାଦୀପ ଇଫ୍‌କୋ ସାର କାରଖାନାରେ ଚାକିରି କରୁଥିଲେ। ଗତ ଏପ୍ରିଲ୍ ୩ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ସେ ପ୍ରାଣ ହରାଇଥିଲେ। କ୍ଷତିପୂରଣ ବାବଦକୁ ମାମୀନାଙ୍କୁ ୩ଲକ୍ଷ ଟଙ୍କା ଇଫ୍‌କୋ କର୍ତ୍ତୃପକ୍ଷ ପ୍ରଦାନ କରିଥିଲେ। ଏହାଛଡ଼ା ଆଉ କିଛି ସହାୟତା ମଧ୍ୟ ମିଳିଥିଲା। ଏହିସବୁ ଅର୍ଥ ମାମୀନାଙ୍କ ଆକାଉଣ୍ଟରେ ଥିଲା। ମାମୀନାଙ୍କର ଜଣେ ଭଉଣୀ ଅବିବାହିତ ଥିଲେ। ମାମୀନାଙ୍କ ବାପା ଅକ୍ଷୟ ସେଠୀ ମାମୀନା ପାଇଥିବା ଅର୍ଥରୁ ୨ଲକ୍ଷ ଟଙ୍କା ଝିଅ ବାହାଘର ପାଇଁ ମାଗିଥିଲା। ମାତ୍ର ମାମୀନା ଟଙ୍କା ଦେବାକୁ ମନା କରି ଦେଇଥିଲେ। ଏନେଇ ଉଭୟ ବାପା-ଝିଅଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅନେକ ଚେଷ୍ଟା ପରେ ମାମୀନାଙ୍କୁ ରାଜି କରାଇ ନ ପାରିବାରୁ ପ୍ରତିଶୋଧ ପରାୟଣ ହୋଇ ପଡ଼ିଥିଲେ ଅକ୍ଷୟ। ମାମୀନାଙ୍କ ପରିବାରକୁ ସଫା କରିଦେବାକୁ ଚକ୍ରାନ୍ତ କରିଥିଲା। ଏହି କ୍ରମରେ ଗତ ୯ ତାରିଖ ସନ୍ଧ୍ୟାରେ ଝିଅ ଘରକୁ ଯାଇ ପ୍ରଥମେ କୌଶଳ କରି ଦୁଇ ଝିଅ ବର୍ଷା(୧୦) ଓ ଲିତା(୭)କୁ ଘରୁ ନେଇ ଆସିଥିଲା। ଏହି ଦୁଇ ଶିଶୁଙ୍କୁ କେନାଲ ପାଖକୁ ନେଇ ଏକ କିଆବୁଦା ମୂଳେ ହତ୍ୟା କରି ସେଠାରୁ ପ୍ରାୟ ୫୦ଫୁଟ ଦୂର ମହାନଦୀରେ ଫିଙ୍ଗି ଦେଇଥିଲା। ଏହାପରେ ପୁଣି ମାମୀନାଙ୍କ ପାଖକୁ ଫେରିଥିଲା। ଦୁଇ ଝିଅଙ୍କ ଦେଖା ନମିଳିବାରୁ ପିଲା କୁଆଡ଼େ ଗଲେ ବୋଲି ଖୋଜାଖୋଜି କରିବାକୁ ଅକ୍ଷୟ ଝିଅ ମାମୀନା ଓ ନାତି ବାବୁନା(୪)କୁ ଧରି ଯାଇଥିଲା। କୁଜଙ୍ଗ ବଜାର ତଥା ଆଖାପାଖ ଅଞ୍ଚଳରେ ଖୋଜାଖୋଜି କରିବା ପରେ କାଳେ ମହାନଦୀ ଆଡ଼କୁ ଯାଇଥିବ ବୋଲି ଅକ୍ଷୟ କହିବା ସହିତ ମାମୀନା ଓ ନାତିକୁ ଧରି ନାତୁଣୀଙ୍କୁ ଖୋଜିବା ପାଇଁ ଯାଇଥିଲେ। ସେଠାକୁ ଯିବା ବାଟରେ ସେହି କିଆବୁଦା ପାଖରେ ଉଭୟ ଝିଅ ଓ ନାତିଙ୍କୁ ଗଳା ଚିପି ହତ୍ୟା କରି ଅକ୍ଷୟ ନିଜ ଘରକୁ ଫେରି ଆସିଥିଲା।

ପରଦିନ ଅର୍ଥାତ ୧୦ ତାରିଖ ଅପରାହ୍ନରେ ସ୍ଥାନୀୟ ଲୋକ ଶନିମନ୍ଦିର ପାଖ ମହାନଦୀରେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୁଲିସ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୪ଟି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୁଲିସ୍ ସନ୍ଦେହ କରିଥିବାବେଳେ ମୃତା ମାମୀନାଙ୍କ ବାପା ଅକ୍ଷୟ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ଗତ ୧୦ ତାରିଖରୁ ପୁଲିସ୍ ଅକ୍ଷୟକୁ ଥାନାରେ ଅଟକ ରଖି ପଚାରା ଉଚୁରା ଆରମ୍ଭ କରିଥିଲା। ଏହାପରେ ଜଗତସିଂହପୁର ଏସ୍‌ପି ପ୍ରକାଶ ଆର୍ ଓ ଡିଏସ୍‌ପି ଅନିରୁଦ୍ଧ ରାଉତରାୟ ମଧ୍ୟ ଅକ୍ଷୟକୁ ଜେରା କରିଥିଲେ। ଅକ୍ଷୟ ପ୍ରଥମେ ତଦନ୍ତ ପାଇଁ ପୁଲିସ୍‌କୁ ସହଯୋଗ କରୁନଥିବାବେଳେ ପରେ ସମସ୍ତ ତଥ୍ୟ ଲୋକଲୋଚନକୁ ଆସିଯାଇଥିଲା। ହତ୍ୟା କରାଯାଇଥିବା ସ୍ଥାନରେ ମୃତକଙ୍କ ସହିତ ଅକ୍ଷୟର ପାଦଚିହ୍ନକୁ ମଧ୍ୟ ପୁଲିସ୍ ଚିହ୍ନଟ କରିବାରେ ସଫଳ ହୋଇଥିଲା। ସେହିପରି ହତ୍ୟାସ୍ଥଳରୁ କିଛି ବିଅର ବୋତଲ ମିଳିଥିଲା।

### ଅଭିମନ୍ୟୁ ସାମନ୍ତସିଂହାର ରାସ୍ତାକୁ ମଦର ଟେରେସା ମାର୍ଗ ନାମିତ କରିବା ମାମଲା

## ବିଏମ୍‌ସିର ହାଇକୋର୍ଟରେ ସତ୍ୟପାଠ ଦାଖଲ

**କଟକ,୧୫।୫/ଏନ୍‌ଏନ୍‌ଏସ୍ :** କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ ରାଜଧାନୀ ରାସ୍ତାକୁ ମଦର ଟେରେସା ମାର୍ଗ ନାମରେ ନାମିତ କରିବା ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ବିରୋଧରେ ରୁଜୁ ମାମଲାରେ କେବଳ ବିଏମ୍‌ସି ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ଅଦାଲତ ମାମଲାର ଶୁଣାଣି କରି ମାମଲାର ସମସ୍ତ ପ୍ରତିପକ୍ଷଙ୍କୁ ଜବାବ ଦାଖଲ କରିବାକୁ କହିଛନ୍ତି। ଗ୍ରୀଷ୍ମ ଅବକାଶ ପରେ ଏହି ମାମଲାର ଶୁଣାଣି ହେବ। ପୂର୍ବରୁ ପୂର୍ତ୍ତବିଭାଗ ପକ୍ଷରୁ ଦାଖଲ ସତ୍ୟପାଠରେ ନିଜ ଦୋଷ ସ୍ୱୀକାର କରାଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ, ଗତ ୨୦୦୩ ମସିହାରେ ବିଜ୍ଞପ୍ତି ସଂଖ୍ୟା ୯୨୩୦/୦୫/୨୦୦୩ ବିଜ୍ଞପ୍ତି ଆଧାରରେ କଟକ-ପୁରୀ ମୁଖ୍ୟ ରାସ୍ତାକୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ରାସ୍ତାକୁ ମଦର ଟେରେସା ମାର୍ଗରେ ନାମିତ କରାଯାଇଥିବାରୁ ଏପରି ସ୍ଥିତିରେ ରାଜଧାନୀର ଜବାହାର ମାର୍ଗରୁ ଜନପଥ ଲିଙ୍କ୍ ରୋଡ୍ ରାସ୍ତା ଆନନ୍ଦ ବଜାର ଦେଇ ରାଜଧାନୀ ମହିଳା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାକୁ ଅଭିମନ୍ୟୁ ସାମନ୍ତସିଂହାର ମାର୍ଗ ଭାବେ ନାମିତ କରିବାକୁ ପ୍ରସ୍ତାବ ଦେଇଛି। ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ ରାଜଧାନୀ ରାସ୍ତାକୁ ମଦର ଟେରେସା ମାର୍ଗ ନାମରେ ନାମିତ କରିବା ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଆବେଦନକାରୀ ଅଭିମନ୍ୟୁ ସାମନ୍ତସିଂହାର ସ୍ମୃତିସଂସଦର କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରକାଶ ଚନ୍ଦ୍ର ନାୟକଙ୍କ ପକ୍ଷରୁ ରୁଜୁ ମାମଲାରେ ଦର୍ଶାଯାଇଛି ଯେ, ଗତ ୨୦୦୩ ମେ' ୩୦ରେ ଭୁବନେଶ୍ୱର ମୁଖ୍ୟ ରାସ୍ତାକୁ ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ କରିବା ନେଇ ହୋଇଥିବା ବିଜ୍ଞପ୍ତିକୁ କାଏମ ରଖିବା ସହ ପୁନର୍ବାର ଏହି ରାସ୍ତାକୁ ମଦର ଟେରେସାଙ୍କ ନାମରେ ନାମିତ କରିବାକୁ ଗତ ୨୦୧୬ ସେପ୍ଟେମ୍ବର ୩ରେ କରାଯାଇଥିବା ବିଜ୍ଞପ୍ତିକୁ ଖାରଜ କରାଯାଉ।

## କେନ୍ଦ୍ରୀୟ ସୁରକ୍ଷାବଳ ସହିତ ସମନ୍ୱୟ କରାଯାଇ ନକ୍ସଲ ଦମନ ହେବ: ଡିଜି

**କଟକ,୧୫।୫/ଏନ୍‌ଏନ୍‌ଏସ୍ :** ରାଜ୍ୟରେ ମାଓବାଦୀ ଦମନ ପାଇଁ କେନ୍ଦ୍ରୀୟ ସୁରକ୍ଷାବଳ ସହିତ ସମନ୍ୱୟ ରକ୍ଷା କରାଯାଇ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଚଢ଼ଉ ଜାରି ରହିବ। ଗୁଇନ୍ଦା ବିଭାଗର ସୂଚନାକୁ ଆଧାରକରି ନିକଟରେ ପୁଲିସ ୩ଟି ମାଓ ଅପରେସନରେ ସଫଳତା ପାଇଛି ବୋଲି ଆଜି ପୁଲିସ ମୁଖ୍ୟାଳୟରେ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ସିଂହ ସୂଚନା ଦେଇଥିଲେ। ମାଓ ପ୍ରଭାବିତ ରାଜ୍ୟ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ବିହାର ସହିତ ରାଜ୍ୟ ପୁଲିସ ଇଣ୍ଟର କମ୍ୟୁନିକେଶନ ସହାୟତାରେ ମିଳିତ ଭାବେ ମାଓ ପ୍ରଭାବିତ ଅଞ୍ଚଳ ଉପରେ ଚଢ଼ଉ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ନିକଟରେ ଗୁରୁପ୍ରିୟା ସେତୁ ଉନ୍ମୋଚନ ହେବ। ଏହାକୁ ମାଓବାଦୀ ବିରୋଧ କରୁଥିବାରୁ ପୁଲିସ ସତର୍କ ଦୃଷ୍ଟିରେ ସେତୁ ରହିବ। ମାଓବାଦୀମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଏହି ଅବସରରେ ଡାକ୍ତର ଶର୍ମା ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ, ନିକଟରେ ମାଲକାନଗିରି, ବଲାଙ୍ଗିର, କନ୍ଧମାଳରେ ମାଓବାଦୀଙ୍କ ସହ ପୁଲିସ ମୁହାଁମୁହିଁ ହୋଇଥିଲେ। ଏଥିରେ ପୁଲିସକୁ ବଡ଼ ସଫଳତା ମିଳିଥିଲା। ପୁଲିସ ଗୁଳିରେ ମାଓନେତା ମୃତ୍ୟୁବରଣ କରିଥିବା ବେଳେ ଏକେ-୪୭ ସମେତ ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା।